# ପିଲାଙ୍କ ଧରିତ୍ରୀ

ଶନିବାର, ୧୯ ନଭେମ୍ବର, ୨୦୨୨



୩

୮
ଆଇନା

୬
କହିଲ ଦେଖି

# ଖିଲି ଖିଲି ହସ

ଦୁଇଜଣ ଝିଅ ସିଟ୍ ପାଇଁ ବସ୍‌ରେ ମାରପିଟ ହେଉଥିବାର ଦେଖି କଣ୍ଡକ୍ଟର କହିଲେ- କାହିଁକି ଦୁଇଜଣ ମାରପିଟ ହେଉଛ ? ଯାହାର ବୟସ ଅଧିକ, ସେ ସିଟ୍‌ରେ ବସ। ରାସ୍ତା ସରିଗଲା, ହେଲେ ଦୁଇଜଣ କେହି ସିଟ୍‌ରେ ବସିଲେନି !

ଜଣେ ମହିଳା ବ୍ୟାଙ୍କକୁ ଯାଇ କହିଲେ ମୋର ଜଏଣ୍ଟ ଆକାଉଣ୍ଟ ଖୋଲିବାର ଅଛି।
ବ୍ୟାଙ୍କ କର୍ମଚାରୀ- ଆପଣଙ୍କ ସ୍ୱାମୀଙ୍କ ସହ ଖୋଲିବେ ତ ?
ମହିଳା- ନା, ଯାହା ଆକାଉଣ୍ଟରେ ଅଧିକ ଟଙ୍କା ଅଛି ତା' ସହ ଖୋଲିବି।

ରାଜୁ: ଭୋଲା, କହିଲୁ ଏମିତି ଏକ ସିଟି(ସହର), ଯେଉଁଠି କେହି ରୁହନ୍ତିନି ?
ଭୋଲା- ମୁଁ ଜାଣିନି। ତୁ କହିଦେ।
ରାଜୁ: ଆରେ, ଇଲେକ୍‌ଟ୍ରିସିଟି।

# ସୁନାଝିଅ

## ଗପ



ଏବେ କେତେଦିନ ହେବ ବଡ଼ଗୁରୁମା' ଲକ୍ଷ୍ୟ କରୁଛନ୍ତି ଲିପ୍‌ସା ପ୍ରତିଦିନ ପନ୍ଦରରୁ କୋଡ଼ିଏ ମିନିଟ୍ ବିଳମ୍ବରେ ବିଦ୍ୟାଳୟରେ ପହଞ୍ଚୁଛି। ସେଦିନ ସେ ପ୍ରାର୍ଥନା ସାରି ପ୍ରଥମ ପିରିୟଡ୍ ଅଧା ହେବା ବେଳକୁ ଆସି ପହଞ୍ଚିଲା। ଲିପ୍‌ସା ଭଲ ଝିଅ। ପାଠ ଭଲ ପଢେ। ତେବେ ଏଭଳି ଅନିୟମିତ ଭାବେ ବିଦ୍ୟାଳୟକୁ ଆସିଲେ ତା' ପାଠ ଉପରେ ତ ନିଶ୍ଚୟ କୁପ୍ରଭାବ ପଡ଼ିବ। ବଡ଼ଗୁରୁମା' ଲିପ୍‌ସାକୁ ଅଫିସ ଘରକୁ ଡକାଇ ତା'ର ପ୍ରତିଦିନ ଏଭଳି ବିଳମ୍ବର କାରଣ ପଚାରିଲେ। ଲିପ୍‌ସା କିଛି ନ କହି ଭୋ ଭୋ କାନ୍ଦିଉଠିଲା। ଗୁରୁମା' ବ୍ୟସ୍ତ ହୋଇ ତାକୁ ପାଖକୁ ଟାଣି ଆଣି ଲୁହ ପୋଛିଦେଲେ। ଆରେ ମା' ତୁ କାନ୍ଦୁଛୁ କାହିଁକି ? ସତ କଥାଟା କ'ଣ ମୋତେ କହ।

ଲିପ୍‌ସା କହିଲା, ''ଗୁରୁମା'! ମୋ' ବାପା ରୋଜଗାର ପାଇଁ ବାହାରକୁ ଯାଇଛନ୍ତି। ମା' ପାଖରେ ଆମେ ଭାଇ ଭଉଣୀ ରହୁଛୁ। ମା' ସାନଭାଇକୁ ସରସ୍ୱତୀ ଶିଶୁ ମନ୍ଦିରରେ ପାଠ ପଢ଼ାଉଛି। ତା' ପାଇଁ ପଢ଼ାଖର୍ଚ୍ଚ ଅଧିକ ଲାଗୁଛି। ତା'ର ସ୍କୁଲଯିବା ଦାୟିତ୍ୱ ମା' ମୋତେ ଦେଇଦେଇଛି। ତାକୁ ସକାଳୁ ଗାଧୋଇବା, ଖୁଆଇବା, ପୋଷାକପତ୍ର ପିନ୍ଧାଇବା, ବହିପତ୍ର ସଜାଡ଼ି ସ୍କୁଲ ପଠାଇବା ସମସ୍ତ କାର୍ଯ୍ୟ ମୋତେ ହିଁ କରିବାକୁ ପଡୁଛି। ମୁଁ ମୋ' ସ୍କୁଲ ଆସିବା କଥା କହିଲେ ମା' ବହୁତ ବିରକ୍ତ ହୁଏ। କହେ- ତୁ ଝିଅଟେ, ପାଠ ପଢ଼ି କ'ଣ ହାକିମ ହେବୁ! ବଡ଼ ହେଲେ ପରଘରକୁ ଯିବୁ, ତୋତେ ପଢ଼ାଇ ମୋର କି ଲାଭ ?'' ସେଥିପାଇଁ ପ୍ରତିଦିନ ମୋର ଆସିବା ଡେରି ହେଉଛି। ଘରେ ମଧ ମା' ମୋତେ ପଢ଼ିବାକୁ ସୁଯୋଗ ନ ଦେଇ ସବୁବେଳେ କାମ କରାଉଛି। ଗୁରୁମା' ଲିପ୍‌ସାକୁ ବୁଝାଇ ଶ୍ରେଣୀକୁ ପଠାଇଦେଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଡାକି ଲିପ୍‌ସା କଥା କହିଲେ। ଭଲ ଝିଅଟିଏ, ପାରିବାରିକ ଅସୁବିଧାରୁ ଅସମୟରେ ପାଠପଢ଼ା ଛାଡ଼ି ଦବ। ତେଣୁ ତା' ପାଇଁ କିଛି ସ୍ୱତନ୍ତ୍ର ଯତ୍ନ ନେବାକୁ ସବୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଲେ ବଡ଼ଗୁରୁମା'।

ଲିପ୍‌ସାର ଏ ବର୍ଷ ୫ମ ଶ୍ରେଣୀ ବୃତ୍ତି ପରୀକ୍ଷା। ଗୁରୁମା' ନିଜେ ତା' ପାଇଁ ପରୀକ୍ଷା ଗାଇଡ୍ ପୁସ୍ତକ କିଣି ଆଣିଲେ। ଲିପ୍‌ସାକୁ ପଢ଼ିବାକୁ ଦେଲେ। ପିରିୟଡ୍ ବାଦ୍ ଅଲଗା ସମୟରେ ମଧ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଲିପ୍‌ସା ପାଇଁ କିଛି କିଛି ସମୟ ଦେଇ ପାଠପଢ଼ାରେ ତାକୁ ଆଗେଇ ନେଲେ। ଝିଅଟି ମଧ ମନଧ୍ୟାନ ଦେଇ ପଢ଼ିବାରେ ଲାଗିଗଲା।

ସବୁ ପିଲାଙ୍କ ପରି ଲିପ୍‌ସା ବୃତ୍ତି ପରୀକ୍ଷା ଦେଲା। ବଡ଼ଗୁରୁମା' ତା' ମା'ର ଅନିଚ୍ଛା ସତ୍ତ୍ୱେ ନିଜେ ତାକୁ ନେଇ ପରୀକ୍ଷା କେନ୍ଦ୍ରକୁ ଗଲେ। ସେଥିପାଇଁ ତା' ମା'ର ରୋଷର ଶିକାର ମଧ ହେଲେ। ଶେଷରେ ବୃତ୍ତି ପରୀକ୍ଷାଫଳ ବାହାରିଲା। ଲିପ୍‌ସା ସମଗ୍ର ଶିକ୍ଷା ଜିଲାରେ ପ୍ରଥମ ସ୍ଥାନ ଅଧିକାର କରି ବୃତ୍ତି ପାଇଲା। ଖବରକାଗଜରେ ତା'ର ଫଟୋ ଓ ପ୍ରଶଂସା ପଢ଼ି ଅଞ୍ଚଳବାସୀ ଆନନ୍ଦିତ ଓ ଗର୍ବିତ ହେଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଖୁସିରେ ଆତ୍ମହରା ହେଲେ। ବିଦ୍ୟାଳୟର ଗର୍ବ ଓ ଗୌରବ ଏଇ ଛୋଟ ଝିଅ ଲିପ୍‌ସା ଭିତରେ ବଡ଼ଗୁରୁମା' ଦେଖୁଥିଲେ ଭବିଷ୍ୟତର ଜଣେ ମହୀୟସୀ ନାରୀଙ୍କୁ।

ଲିପ୍‌ସାର ମା' ନିଜର ଭୁଲ୍ ବୁଝି ସାରିଥିଲେ। ବିଦ୍ୟାଳୟକୁ ଆସି ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନିଜର କୃତକର୍ମ ପାଇଁ କ୍ଷମା ପ୍ରାର୍ଥନା କରିଲେ। ପୁଅଝିଅ ମଧ୍ୟରେ ପାର୍ଥକ୍ୟ ଦେଖିଥିବାରୁ ନିଜକୁ ଲଜ୍ଜିତ ମନେ କରିଥିଲେ। ଏହାପର ଠାରୁ ଲିପ୍‌ସା ପ୍ରତି ତା ମା' ଆଉ କେବେ ଖରାପ ବ୍ୟବହାର କରି ନ ଥିଲେ। ବଡ଼ଗୁରୁମା' ସ୍ନେହରେ ଲିପ୍‌ସାକୁ କୋଳେଇ ନେଇ କହିଉଠିଲେ- ''ଲିପ୍‌ସା ଆମର ସୁନାଝିଅ। ସବୁ ଝିଅମାନେ ତା' ପରି ହୁଅ।''

**-ମାଧବୀଲତା ଦେଈ**
ଶ୍ରୀମୁଖ, ନିମାପଡ଼ା, ପୁରୀ
ମୋ: ୯୬୯୨୪୮୩୩୭୭

# ପିଲାଙ୍କ ପ୍ରାର୍ଥନା

## ତୁମ ପଢ଼ିବା ପାଇଁ

ଶିଶୁ କବିତା ସଙ୍କଳନ ପାର୍ବଣ ପତ୍ରିକା 'ପିଲାଙ୍କ ପ୍ରାର୍ଥନା'ରେ ସ୍ଥାନିତ ହୋଇଛି ପିଲାଙ୍କ ମନକୁ ଛୁଇଁଲା ଭଳି କବିତା। ପତ୍ରିକାରେ ପ୍ରତିଟି କବିତାକୁ ପ୍ରାର୍ଥନା ଆକାରରେ ଅତି ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି। ସେଗୁଡ଼ିକ ମଧ୍ୟରେ ରହିଛି ଆହେ ଗୁରୁଜୀ ତୁମେ ମୋ ଈଶ୍ୱର, ଆହେ ବିଦ୍ୟାଳୟ, ବୋଉର ପଣତ, ଭୂମିରୁ ଯେ ଭୂମା, ପ୍ରଭୁ ତୁମକୁ ଗଢ଼ିଲା କିଏ, ବିଦ୍ୟାଳୟ ହେ ଆସିଛୁ, ନୀଳ ଗ୍ରହ ପୃଥିବୀ, ନେତାଜୀ ସୁଭାଷ ବୋଷ, ହଜରତ ମହମ୍ମଦ ଆଲ୍ଲା, ଗରିବର ବନ୍ଧୁ ଗୋପବନ୍ଧୁ ଆଦି କବିତା ଏବଂ ଆମ ମହାପୁରୁଷ ଓ ପରିବେଶ ସଫା ରଖିବାକୁ ନେଇ ଭଳି ଭଳି ଚିତ୍ର। ଭାଗୀରଥି




ବେହେରାଙ୍କ ଦ୍ୱାରା ସମ୍ପାଦିତ ଏହି ପୁସ୍ତକର ମୂଲ୍ୟ ରହିଛି ୮୦ଟଙ୍କା। ଯୋଗାଯୋଗ- ପିଲାଙ୍କ ପ୍ରାର୍ଥନା, ଭାଗୀରଥି ବେହେରା, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଗଞ୍ଜାମ, ଓଡିଶା। ମୋ: ୮୭୬୩୨୦୨୬୨୨

# ମତାମତ

▶▶ ପ୍ରଚ୍ଛଦ ବିଷୟ ବାଲିଯାତ୍ରାରୁ ପିଲାଙ୍କର ବାଲିଯାତ୍ରା ଅନୁଭୂତି ପଢ଼ି ଖୁସି ଲାଗିଲା। ସେମାନେ ବି ବାଲିଯାତ୍ରାରେ ମନଭରି ମଉଜ ମଜଲିସ୍ କରୁଛନ୍ତି।

**-ପ୍ରିୟଙ୍କା ତ୍ରିପାଠୀ,** କୋଟିଆ, କୋରାପୁଟ

▶▶ ଗପ ସ୍ତମ୍ଭରେପ୍ରକାଶିତଅଲିଭାଜ୍ୟୋତିବିଷୟଟି ପଢ଼ିନେହେରୁଙ୍କ ଜୀବନରୁ ତାଙ୍କର ନୀତି ଆଦର୍ଶ ବିଷୟରେ ଜାଣିବାକୁ ପାଇଲି।

**-ଅର୍ଚ୍ଚିତା ସାମଲ,** ସତ୍ୟବାଦୀ, ପୁରୀ

▶▶ ପିଲାଙ୍କ ଧରିତ୍ରୀ ପଢିବାକୁ ଖୁସି ଲାଗୁଛି। ଏଥିରେ ମହାପୁରୁଷଙ୍କ ଜୀବନୀ, ପିଲାଙ୍କ ସ୍କୁଲର ଅନୁଭୂତି କିମ୍ବା ସେମାନଙ୍କ ପାଇଁ କୌଣସି ପର୍ଯ୍ୟଟନ ସ୍ଥଳୀ ବିଷୟରେ ପ୍ରକାଶ କରିବାକୁ ଅନୁରୋଧ।

**-ଡ. ରାଜୀବ ଷଡଙ୍ଗୀ,** କୁମୁଡା ଜୟପୁର, କଟକ

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# ରଙ୍ଗ ଦିଅ



# ଗତ ଥରର ରଙ୍ଗ ଦିଅ





**ତନୟ ପଣ୍ଡା**
କ୍ଲାସ୍-୧
ପଣ୍ଡାଲାମ ୟୁପି ସ୍କୁଲ୍,
ବାଙ୍କୀ, କଟକ

# ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୂରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



# ବେଲୁନ୍‌ର ଜନ୍ମକଥା

**ବିନୋଦ ଚନ୍ଦ୍ର ଜେନା**

ପିଲାଏ, ବେଲୁନ ଧରିବା ଏବଂ ତା' ସହ ଖେଳିବାର ମଜା ନିଆରା। ତେବେ ଆସ ଏହାର ଇତିହାସ ବିଷୟରେ ଜାଣିବା....

କଟକରେ ବାଲିଯାତ୍ରା ଚାଲିଥାଏ। ନିରଞ୍ଜନବାବୁ ତାଙ୍କର ପୁଅ ରବୀନ୍ଦ୍ର ଓ ଝିଅ ନମିତାକୁ ଧରି ଯାତ୍ରା ଦେଖିବାକୁ ଗଲେ। ସେଠାରେ ଭଳିକି ଭଳି ଦୋକାନ, ମିନାବଜାର ଆଦି ଦେଖିବା ପରେ ମହାନଦୀ ନଦୀପଠାକୁ ଗଲେ। ସେଠାରେ ନିରଞ୍ଜନବାବୁ ଦୁଇଜଣଙ୍କ ପାଇଁ ବେଲୁନ୍ କିଣିଲେ। ତା'ପରେ ନଦୀପଠାରେ ବସିଲେ। ରବୀନ୍ଦ୍ର ପଚାରିଲା ବାପା ! ଏ ବେଲୁନ୍ ଆଜିକାଲି ଭଳିକି ଭଳି ମିଳୁଛି। ଜନ୍ମଦିନରେ, ବଡ଼ ବଡ଼ ସଭାସମିତିରେ ତୋରଣ କରି ଲଗାଯାଉଛି। ବେଲୁନ୍ କେବେ ତିଆରି ହୋଇଥିଲା, ସେ ବିଷୟରେ ଜାଣିବା ପାଇଁ ମୋତେ ଆଗ୍ରହ ହେଉଛି। ସଙ୍ଗେ ସଙ୍ଗେ ନମିତା ବଡ଼ ପାଟିରେ କହିଲା– ଦେଖ ଦେଖ, କେତେ ବଡ଼ ବେଲୁନ୍‌ଟା ଉପରେ ଉଡୁଛି। ନିରଞ୍ଜନବାବୁ କହିଲେ– ଶୁଣ ବେଲୁନ୍‌ଗୁଡ଼ିକ ରବର, ଲାଟେକ୍ସ, ପରିକ୍ଲୋରେପିନ୍ ନାଇଲନ୍‌ରେ ତିଆରି ହୋଇଥାଏ। ରବୀନ୍ଦ୍ର ପଚାରିଲା– ବାପା, ପୂର୍ବେ ପ୍ଲାଷ୍ଟିକ୍ ଆଦିର ତିଆରି ହୋଇ ନ ଥିଲା। ସେତେବେଳେ ବେଲୁନ୍‌କୁ କିଭଳି ଉପଯୋଗ କରାଯାଉଥିଲା ?

ବାପା କହିଲେ, ପ୍ରଥମେ ବୈଜ୍ଞାନିକ ଗାଲିଲିଓ ପବନର ଓଜନ ମାପିବା ପାଇଁ ଘୁଷୁରିର ଅନ୍ତନଳୀକୁ ବେଲୁନ୍ ରୂପେ ବ୍ୟବହାର କରିଥିଲେ। ତା'ପରେ ମେକ୍ସିକୋ ସହରର ବିରାଡ଼ିର ପାକସ୍ଥଳୀକୁ ସଫାକରି ଏକ ସ୍ୱତନ୍ତ୍ର ଗଛର ତନ୍ତୁରେ ସିଲେଇ କରି ଥଳି ଭଳି ତିଆରି କରି ଖରାରେ ଶୁଖାଇ ବେଲୁନ୍ ଭଳି ଥଳି ତିଆରି କରାଗଲା। ୧୮୧୮ ମସିହାରେ ତିମି ମାଛର ଅନ୍ତନଳୀକୁ ମଧ୍ୟ ସିଲେଇ କରି ବେଲୁନ୍ ପ୍ରସ୍ତୁତ କରାଗଲା।

ନମିତା ପଚାରିଲା– ବାପା, ରବର ବେଲୁନ୍ ଓ ଲାଟେକ୍ସ ବେଲୁନ୍ କେବେ ତିଆରି ହୋଇଥିଲା ? ବାପା କହିଲେ– ୧୮୨୪ରେ ବିଜ୍ଞାନାଗାରରେ ଉଦ୍‌ଜାନ୍ ଗ୍ୟାସ୍‌କୁ ରଖିବା ପାଇଁ ରବର ବେଲୁନ୍‌କୁ ଥଳି କରି ସେଥିରେ ରଖାଯାଉଥିଲା। ତା'ପରେ ବୈଜ୍ଞାନିକ ଥୋମାସ୍ ହାନକକ୍ ତରଳ ରବର ଦ୍ୱାରା ଲାଟେକ୍ସ ବେଲୁନ୍ ତିଆରି କଲେ, ତାହା ଆଜିକାଲି ବଜାରରେ ବିକ୍ରି ହେଉଛି।

ରବୀନ୍ଦ୍ର ପଚାରିଲା– ବାପା, ଜାପାନ ଦେଶରେ ବେଲୁନ୍‌ର ଆଦର ବହୁତ ପୂର୍ବରୁ ହୋଇଛି, ଏହା କ'ଣ ସତ ? ବାପା କହିଲେ, ତୁ ଠିକ୍ କହିଛୁ। ୧୮୯୦ରେ ସେଠାରେ ଏକ ପ୍ରକାର ପତଳା କାଗଜରେ ବେଲୁନ୍ ତିଆରି କରାଯାଇଥିଲା। ୧୯୩୩ରେ ଚିକାଗୋ ବାଣିଜ୍ୟ ମେଳାରେ ପ୍ରଥମେ ରଙ୍ଗିନ୍ ବେଲୁନ୍ ବିକ୍ରି ହୋଇଥିଲା। ଖେଳିବା ବେଲୁନ୍‌ଗୁଡ଼ିକ ପ୍ରାୟତଃ ଅଣ୍ଡାକୃତିର ହୋଇଥାଏ। ବେଲୁନ୍ ନିର୍ମାତାମାନେ ବ୍ୟବସାୟିକ ଦୃଷ୍ଟିରୁ ଆକର୍ଷଣୀୟ କରିବା ପାଇଁ ଅର୍ଥାତ୍ ରକେଟ୍, ଉଡ଼ାଜାହାଜ, ବତକ, ଚଢ଼େଇ, ଡ୍ରାଗନ୍ ଇତ୍ୟାଦି ଆକାରରେ କରି ବଜାରକୁ ଛାଡିଥା'ନ୍ତି। ଏମିତି କୌଣସି ମେଳା, ଯାତ୍ରା, ମହୋତ୍ସବ ନାହିଁ ଯେଉଁଠି ବେଲୁନ୍‌ବାଲା ଆସି ବେଲୁନ୍ ବିକ୍ରି କରୁ ନ ଥିବ ! ବଡ଼ ବଡ଼ ବେଲୁନ୍‌ଗୁଡ଼ିକରେ ଉଦ୍‌ଜାନ, ହିଲିୟମ୍, ନାଇଟ୍ରସକ୍ସାଇଡ୍ ଆଦି ଗ୍ୟାସୀୟ ପଦାର୍ଥ ଭର୍ତ୍ତି କଲେ ସେଗୁଡ଼ିକ ଫୁଲିଯାଇ ବାୟୁମଣ୍ଡଳରେ ଅକ୍ଲେଶରେ ଉଡୁଥାଏ।

ନମିତା କହିଲା– ବାପା ! ଉଡୁଥିବା ବେଲୁନ୍ ଯଦି ପାଣିରେ ପଡ଼େ, ତା' ହେଲେ କ'ଣ ହେବ ? ବାପା କହିଲେ– ତୁ ଭଲ ପ୍ରଶ୍ନଟିଏ ପଚାରିଲୁ। ଏମିତି ଅନେକ ବେଲୁନ୍ ସମୁଦ୍ରକୂଳରେ ଛଡ଼ା ଯାଉଅଛି। ସେଗୁଡ଼ିକ ପର ପର ଫାଟିଯାଇ ସୂତା ସହିତ ପାଣିରେ ପଡ଼ି ସାମୁଦ୍ରିକ ଜୀବଙ୍କ ପାକସ୍ଥଳୀକୁ ଯାଇଥାଏ। ଏପରିକି ଦେଖାଯାଇଛି, ଥରେ କଇଁଛର ପେଟରୁ ସୂତାବନ୍ଧା ଫଟା ବେଲୁନ୍ ଖଣ୍ଡଖଣ୍ଡ ବାହାରିଥିଲା। ଏପରି ହେଲେ ସାମୁଦ୍ରିକ ଜୀବମାନଙ୍କର ଜୀବନ ପ୍ରତି ବିପଦ ରହିଛି। ତେଣୁ ସମସ୍ତେ ପରିବେଶ ପ୍ରତି ସଚେତନ ହେବା ଦରକାର।

ବାପା କହିଲେ– ଚାଲ ଡେରି ହେଲାଣି, ମା' ଅପେକ୍ଷା କରିଥିବେ। ଘରକୁ ଯାଇ ଖାଇବା।

–ଭିକ୍ଟୋରୀ କଲୋନୀ, ପାରଳାଖେମୁଣ୍ଡି, ଗଜପତି, ମୋ : ୯୪୩୮୦୭୪୪୬୪







# ତୁମ ତୂଳୀରୁ

୧

**ସମୃଦ୍ଧି ନାୟକ**
କ୍ଲାସ- ୫, ଡିଏଭି ପବ୍ଲିକ ସ୍କୁଲ, ବାଲେଶ୍ୱର

୨

**ପରାଗ ସାଇ କର**
କ୍ଲାସ- ୫, ମଦର୍ସ ପବ୍ଲିକ ସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର

୩

**ଅମ୍ରିତା ମହାନ୍ତି**
କ୍ଲାସ- ୭, ସାଲେପୁର ପବ୍ଲିକ ସ୍କୁଲ, ସାଲେପୁର

୪

**ମୃଣାଳ ଦେ**
କ୍ଲାସ- ୮, ଡିଏଭି ପବ୍ଲିକ ସ୍କୁଲ, ବେଦାନ୍ତ ରୋଡ, ଝାରସୁଗୁଡା

୫

**ସଂଗ୍ରାମ କୁମାର ମୁଦୁଲି**
କ୍ଲାସ- ୭, ଚିଲିକାରାଣୀ ଇଂଲିଶ ମିଡିୟମ୍ ସ୍କୁଲ, ବାଲୁଗାଁ, ଖୋର୍ଦ୍ଧା

୬

**ଆଦିତ୍ୟ ପ୍ରିତମ୍**
କ୍ଲାସ- ୭, ଓଡିଏମ୍ ପବ୍ଲିକ ସ୍କୁଲ, ପଟିଆ, ଭୁବନେଶ୍ୱର

୭

**ବର୍ଷା ପ୍ରିୟଦର୍ଶିନୀ ଜେନା**
କ୍ଲାସ- ୯, ଜୟଦୁର୍ଗା ହାଇସ୍କୁଲ, ଓଶାଳା, ଦୁଲାଖାପାଟଣା, ଯାଜପୁର


୧


୨


୩


୪


୫


୬


୭



# ଶୀତ ପଡ଼ିଲାଣି

ଶୀତ ପଡ଼ିଲାଣି ଅଳପ ଅଳପ
କମ୍ବଳ ହେଲାଣି ଖୋଜା
ବଜାରରେ ଏବେ ଭିଡ଼ ଜମିଲାଣି
କିଣିବାକୁ ଟୋପି ମୋଜା।
କନ୍ଥା ରେଜେଇ ଯେ ସଜା ହୋଇଲାଣି
ତା' ପାଇଁ ତ ଘରେ ଘରେ
ଘାସ ଗାଲିଚାରେ ଢେଉ ଭାଙ୍ଗେ ଖରା
ସୂରୁଜର କିରଣରେ।
ଗେଣ୍ଡୁ ଫୁଲମାନେ ଫୁଲେଇ
ହେଲେଣି
କାକରର ଟିପା ନାଇ
ସକାଳୁ କ୍ଷେତରେ ଚାଷୀ ଭାଇ ଉଭା
ଶୀତ ତାକୁ ଜମା ନାହିଁ।
ଦିନ ହେଲା ଛୋଟ ରାତି ହେଲା ବଡ଼
ଯେବେଠୁ ପଡ଼ିଲା ଶୀତ
ପିଲାମାନେ ସବୁ ନିଆଁହୁଳା ଜାଳି
ଗାଇଲେ ଶୀତର ଗୀତ।

**-ଜୟନ୍ତ କୁମାର ମଲ୍ଲିକ୍**
ଶୂରଡିହ, ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭

# ଆଜି ସିନା ଆମେ

ଆଜି ସିନା ଆମେ ଛୋଟ ଶିଶୁଟିଏ
କାଲି ହେବା ନାଗରିକ,
ବଡ଼ ହୋଇ ଆମେ ଭାରତ ମାଆର
ରଖିବୁ ନିଶ୍ଚୟ ଟେକ।
କୃଷକ ହୋଇବୁ ସୁନା ଫଳାଇବୁ
ଏଇ ମାଟି ମାଆ କୋଳେ,
ଭୋକିଲା କେହି ରହିବେନି ଦେଶେ
ଖୁସି ଥିବେ ସବୁବେଳେ।
ଶ୍ରମିକ ହୋଇବୁ କାରଖାନା ଗଢ଼ି
ଦେଶର ବିକାଶ ପଥେ,
ଅଭାବ କଷଣ ଦୂରେ ଠେଲିଦେବୁ
କାମ କରି ଦେଶ ହିତେ।
ବୈଜ୍ଞାନିକ ହୋଇ ବିଜ୍ଞାନ ବଳରେ
କରି ନୂଆ ଉଦ୍ଭାବନ,
ସାରା ପୃଥିବୀରେ ଚହଳ ପଡ଼ିବ
ଅରଜିବୁ ଯଶ ଧନ।
ସୈନିକ ସାଜିବୁ ଦେଶ ରକ୍ଷା ପାଇଁ
ଜଳ ସ୍ଥଳ ଆକାଶରେ,
ଶତ୍ରୁର ରକତେ ଖେଳିଯିବୁ ହୋଲି
ଥିବୁ ଦେଶ ସୀମା ପରେ।
ଯନ୍ତ୍ରୀ ମନ୍ତ୍ରୀ ତନ୍ତ୍ରୀ ହେବୁ ଯେବେ ଆମେ
ଦୁର୍ନୀତି ହଟାଇ ଦେବୁ,
ସୁନାର ଭାରତ ଗଢ଼ିବା ପାଇଁ କି
ନୂଆ ରଙ୍ଗେ ରଙ୍ଗେଇବୁ।

**-ଅରୂପ କୁମାର ବିଶ୍ୱାଳ**
ଗୋରଡ, ପାରାଦୀପ,
ଜଗତ୍‌ସିଂହପୁର
ମୋ: ୯୦୪୦୮୭୦୧୦୦

କ ବି ତା

# ବିଦ୍ୟା ଧନ

ଦୁନିଆରେ ବିଦ୍ୟାଠାରୁ ବଳି ନାହିଁ ଧନ
ଆପେମିଳେ ଯଶ ତାକୁ କଲେ ଅରଜନ।
ମାଟି ଅବା ଲୁହା ତାକୁ ପାରେନାହିଁ ଖାଇ
ତା'ଦେହରେ ଭାଗ କେବେ ବସାଏନି ଭାଇ।
ଚୋର ଅବା ଖଣ୍ଟ ତାକୁ ପାରନ୍ତିନି ହରି
ପାଖ ତା'ର ମାଡ଼ିବାକୁ ନିଆଁ ଯାଏ ଡରି।
ବାଣ୍ଟିଦିଅ ଅବା ତାକୁ ଦିଅ ଦାନ କରି
ଅସରନ୍ତି ଦରବସେ ଯାଏନାହିଁ ସରି।
କେତେ ନର ବିଦ୍ୟାବଳେ ହୋଇ ବଳିୟାନ
ଚିରକାଳ ଜଗତରେ ରଖିଗଲେ ମାନ।
ବାଲୁତକାଳରୁ ତାକୁ ଅରଜଇ ଯିଏ
ତା'ଠୁ ବଳି ମହାଜନ ଅଛି ଆଉ କିଏ ?

**-ନିରାକାର ଚଇନି**
କଳିଗାଁ, ହାଟଡିହୀ, କେନ୍ଦୁଝର



# ଏଥରର

- ଇସ୍ରୋ ଦ୍ୱାରା ମହାକାଶକୁ ପଠାଯାଉଥିବା ମଣିଷ ଆକୃତି ରୋବଟର ନାମ କ'ଣ ?
- ଏହି ରୋବଟଟି କେଉଁ ଯାନରେ ମହାକାଶକୁ ଯାତ୍ରା କରିବ ?
- ଇସ୍ରୋର ମୁଖ୍ୟାଳୟ କେଉଁଠାରେ ଅବସ୍ଥିତ ?
- ନିକଟରେ କେଉଁ ଖେଳାଳିଙ୍କୁ ପଦ୍ମଶ୍ରୀ ପୁରସ୍କାର ମିଳିଛି ?
- ପ୍ରଥମ କ୍ରିକେଟ୍‌ର ଭାବେ କିଏ ପଦ୍ମ ବିଭୂଷଣରେ ସମ୍ମାନିତ ହୋଇଛନ୍ତି ?

## ଗତଥରର ଉ ତ୍ତ ର

- ନଭେମ୍ବର ୧୪
- ଫ୍ରେଡେରିକ ବାଣ୍ଟିଙ୍ଗ
- ୩୨
- ମଧୁମେହ
- ଲିଓନାର୍ଡ ଥମ୍ପସନ

# କହିଲ ଦେଖି



ନୁହେଁ ନାଟ୍ୟ ଗୁରୁ କେଲୁ ଚରଣ
ନୃତ୍ୟ କରିବାରେ ସିଏ ପ୍ରବୀଣ
ଦେଖିଲେ ଆକାଶେ କଳା ବଉଦ
ତା'ପୁଚ୍ଛ ମେଲାଇ ମଜିଯାଏ ନାଚେ
ଯେ ଦେଖିବ ସିଏ ଅଟକି ଯିବ
ଜାଣିଛ କି ତା'ର ନାମ କହିବ ?

**ଉତ୍ତର- ମୟୂର**



ଲମ୍ବାଳିଆ ଦେହ ନାହିଁ ତା ଗୋଡ଼
ରହିବାକୁ ତା'ର ପସନ୍ଦ ଗାଡ଼
ଶିବଙ୍କ ଗଳାରେ ରହିପାରେ ସିନା
ଦେଖିଲେ ମୟୂର ସିଏ ହୁଏ ସାବାଡ଼
ମଣିଷଙ୍କ ପାଇଁ ଭୟଙ୍କର ଜୀବ
ଚାହିଁଲେ କ୍ଷଣିକେ ପ୍ରାଣ ସେ ନେବ
କୁହ କେ ଜାଣିଛ ସେ କେଉଁ ଜୀବ ?

**ଉତ୍ତର- ସାପ**



ଏମିତି ଦିଅଁ ଲୋଡ଼ା ନାହିଁ ତାଙ୍କ ରାଜ ବସନ
ବ୍ୟାଘ୍ର ଛାଲ ତାଙ୍କ ପ୍ରିୟ ଆସନ
ଅଳପ ଭାବରେ ଶାନ୍ତି ହୋଇଯାଇ
ଭକ୍ତକୁ ଦିଅନ୍ତି ସହଜେ ବର
ସର୍ପକୁ କରନ୍ତି ସେ ଗଳାହାର
କହିପାରିବ କି ନାମ ତାଙ୍କର ?

**ଉତ୍ତର- ଶିବ**

**-ଦୀନବନ୍ଧୁ ପୋଇ**
ଗୋରଡ଼ାପାଳ, କରମୂଳ, ଢେଙ୍କାନାଳ
ମୋ: ୯୯୩୮୦୨୪୧୨

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ଡିଜ୍‌ନି କ୍ୟାରେକ୍ଟର ଫ୍ୟାନ୍

ପିଲାମାନେ କାର୍ଟୁନ୍ ସୁପରହିରୋଙ୍କୁ ବହୁତ ଭଲ ପାଆନ୍ତି। ଏପରିକି ପସନ୍ଦର ସୁପରହିରୋ ପରି ଡ୍ରେସ୍ ପିନ୍ଧି ସେମାନଙ୍କ ପରି ବ୍ୟବହାର ମଧ୍ୟ କରିଥାନ୍ତି। ଫେବରେଟ୍ ସୁପରହିରୋ ଓ ଭିଲିଆନ୍ ବିଷୟରେ ପିଲାଏ ନୂଆ ନୂଆ କଥା ଜାଣିବାକୁ ମଧ୍ୟ ଇଚ୍ଛା ରଖିଥାନ୍ତି। ତେବେ ତୁମପରି ୭ବର୍ଷୀୟ ନିଦ୍ଧିଶ୍ ଭିବି ୧ମିନିଟ୍‌ରେ ୬୦ଟି ଡିଜ୍‌ନି କାର୍ଟୁନ ଚରିତ୍ରର ନାମ କହି ଗିନିଜ୍ ରେକର୍ଡ କରିଛନ୍ତି। ତାମିଲନାଡୁର ନିଦ୍ଧିଶ୍ ଡିଜ୍‌ନିର ସୁପରହିରୋ ଓ ଭିଲିଆନ୍ କାର୍ଟୁନ୍ ଚରିତ୍ରଗୁଡିକୁ ବହୁତ ଭଲ ପାଆନ୍ତି। ଏହି ଚରିତ୍ରଗୁଡ଼ିକୁ ସେ ଟେଲିଭିଜନ୍‌ରେ ଦେଖି ବହୁତ ଖୁସି ହୁଅନ୍ତି ବୋଲି କହିଛନ୍ତି। ସେ ଏକାଥରକେ ଗୋଟିଏ ମିନିଟ୍‌ରେ ବ୍ୟାଟ୍‌ସମ୍ୟାନ୍, ସୁପରମ୍ୟାନ୍, ୱଣ୍ଡର ଓମ୍ୟାନ, ଜୋକର୍, ପାୱାର୍ ଗର୍ଲ, ଡ୍ୟାମିଆନ ୱେନି, ଦି ଫ୍ଲାସ, ଗ୍ରୀନ୍ ଲର୍ନଟନ୍, ଆକ୍ୱା ମ୍ୟାନ୍ ଏବଂ ଗ୍ରୀନ୍ ଆରୋ ଇତ୍ୟାଦି ୬୦ଟି ଚରିତ୍ରକୁ ଚିହ୍ନଟ କରିପାରୁଛନ୍ତି। ଏହି ସବୁ ଚରିତ୍ରର ସେ ବଡ଼ ପ୍ରଶଂସକ ବୋଲି ମଧ୍ୟ କହିଛନ୍ତି।







## ଏକୁଟିଆ ରହିବାକୁ ପସନ୍ଦ କରେ କୋକିଶିଆଳି

କୋକିଶିଆଳି ଏକୁଟିଆ ରହିବାକୁ ପସନ୍ଦ କରନ୍ତି। ଏମାନଙ୍କ ମଧ୍ୟରେ ସବୁଠୁ ବଡ଼ ପ୍ରଜାତି ହେଉଛି ରେଡ୍ ଫକ୍ସ। ଏମାନଙ୍କ ମୁହଁ ଏବଂ ପାଦରେ ଅଧିକ ଲୋମ ଥାଏ। ଗ୍ରେ ଫକ୍ସ ଏକମାତ୍ର ପ୍ରଜାତି ଯିଏକି ଗଛରେ ଚଢ଼ିପାରନ୍ତି। ଏମାନେ ଜଙ୍ଗଲରେ ୨-୩ ବର୍ଷ ଜୀବିତ ରହୁଥିବା ବେଳେ ଚିଡିଆଖାନାରେ ୧୦-୧୨ବର୍ଷ ଜୀବିତ ରହିଥା'ନ୍ତି।

## ସ୍ଲଥ୍ ଶରୀରରେ ଶିଉଳି

ସ୍ଲଥ୍‌ର ଶରୀର ଉପରେ ବେଳେବେଳେ ଶିଉଳି ଭଳି ଆସ୍ତରଣ ହେବାର ଦେଖାଯାଏ। କାରଣ ଏମାନେ ବର୍ଷସାରା ଗଛରେ ଗୋଟିଏ ସ୍ଥାନରେ ଲଟିକି ରହିଥାନ୍ତି। କେବେକେବେ ଏମାନଙ୍କ ମୃତ୍ୟୁ ମଧ୍ୟ ଏହି ଲଟକିବା ଅବସ୍ଥାରେ ହୋଇଥାଏ। ଏମାନେ ବୃକ୍ଷରେ ଏମିତି ଲଟକିଥା'ନ୍ତି ତାଙ୍କୁ ଦେଖିଲେ ଲାଗିବ ଯେମିତି ଏହା ବୃକ୍ଷର ଏକ ଅଂଶ।



## ସବୁ ରଙ୍ଗକୁ ଚିହ୍ନିପାରେନାହିଁ ବିରାଡ଼ି

ବିରାଡ଼ି ସବୁ ରଙ୍ଗକୁ ଭଲ ଭାବରେ ଚିହ୍ନିପାରେନି। ଉଦାହରଣ ସ୍ୱରୂପ ଘାସ ତାକୁ ନାଲି ରଙ୍ଗର ଦେଖାଯାଏ। ବିରାଡ଼ିର ଗ୍ରୁପ୍‌କୁ 'କ୍ଲାଉଡର' କୁହାଯାଏ। ବିରାଡ଼ିର ଡିଏନ୍ଏ ସହିତ ବାଘର ଡିଏନ୍ଏ ପ୍ରାୟ ୯୫% ମିଶିଯାଇଥାଏ। ବିରାଡ଼ିର ଅଧିକାଂଶ ସମୟ ଶୋଇବାରେ ବିତିଥାଏ। ବୟସ୍କ ବିରାଡ଼ିର ପ୍ରାୟ ୩୦ଟି ଦାନ୍ତ ରହିଛି। ଗୋଟିଏ ବୟସ୍କ ବିରାଡ଼ି ପ୍ରାୟ ୪-୫ଫୁଟ୍ ଦୂରକୁ ଅତି ସହଜରେ ଡେଇଁପାରେ।

## ଶୋଇବାବେଳେ ଆଖି ଖୋଲାରଖେ ଡଲ୍‌ଫିନ

ଡଲ୍‌ଫିନ ଶୋଇବା ସମୟରେ ଗୋଟିଏ ଆଖି ଖୋଲା ରଖି ଶୋଇଥାଏ। ଏହା ଏପରି ଏକ ପ୍ରାଣୀ, ଯିଏକି ମଣିଷର ନକଲ କରିପାରେ। ଡଲ୍‌ଫିନର ଗ୍ରୁପ୍‌କୁ 'ପଡ୍' କୁହାଯାଏ। ଡଲ୍‌ଫିନର ଦୁଇଟି ପେଟ ଥାଏ। ଗୋଟିଏ ପେଟରେ ଖାଦ୍ୟ ସଂରକ୍ଷିତ ରଖୁଥିବା ବେଳେ ଅନ୍ୟଟି ପାଚନକ୍ରିୟାରେ ସହାୟତା କରିଥାଏ।

## ବାନ୍ତି କରେନି ଘୋଡ଼ା

ସାଧାରଣତଃ ପ୍ରାଣୀମାନେ ଅଧିକ ଖାଇବା ଦ୍ୱାରା ବାନ୍ତି କରିଥା'ନ୍ତି। କିନ୍ତୁ ଅନ୍ୟ ଜୀବଙ୍କ ପରି ଘୋଡ଼ା କେବେ ବାନ୍ତି କରେନି। ଘୋଡ଼ାର ଦାନ୍ତ ଗଣି ଜାଣିହେବ ସେ ଅଣ୍ଡିରା କି ମାଈ। ଅଣ୍ଡିରା ଘୋଡ଼ାର ୪୦ଟି ଦାନ୍ତ ଥିବା ବେଳେ ମାଈ ଘୋଡ଼ାର ୩୬ଟି ଦାନ୍ତ ଥାଏ। ଘୋଡ଼ାଛୁଆଙ୍କୁ ଲିଙ୍ଗ ଅନୁସାରେ ନାମ ଦିଆଯାଏ। ଅଣ୍ଡିରା ଘୋଡ଼ାଛୁଆକୁ 'ଷ୍ଟାଲିଅନ୍' କୁହାଯାଉଥିବା ବେଳେ ମାଈକୁ 'ମାରେ' କୁହାଯାଏ।





# ଆ ଇ ନା



ସାମନ୍ଦ୍ୟା ଜଗଦେବ
୬ ବର୍ଷ / ଭୁବନେଶ୍ୱର



ସିଦ୍ଧିକ୍ଷା ପ୍ରିୟଦର୍ଶିନୀ
୯ ବର୍ଷ / ଖୋର୍ଦ୍ଧା